

ମନୋଜ ଦାସ

# ଭାରତବର୍ଷ:୧୯୯୦

ଅସୁମାରି କାଳ ତଳେ ହୋଇଥିଲା ଏକଦା ଉଦ୍‌ଭବ
ଭୀଷଣ ଉଚ୍ଚାଭିଳାଷୀ ଗୋଟିଏ ଦାନବ
ଜଣାନାହିଁ ପିତାମାତା ରଖିଥିଲେ କିବା ନାମ ତା'ର
ମୃତ୍ୟୁପରେ ଇତିହାସେ ଖ୍ୟାତ ଭସ୍ମାସୁର ।
ଥିଲା ତାର ଅମାପ ଶକତି,
ସୃଜନ ସକାଶେ ନୁହେଁ, ଧ୍ୱଂସ ପାଇଁ,
ହାୟ ପରିଣତି !

•

ବିହ୍ୱଳ ଚକିତ ତାର ଆତ୍ମା ଗୋଟି ବହୁଯୁଗ ପାଇଁ
ପାତାଳପୁରୀର କେଉଁ ଅନ୍ଧକୋଣେ ରହିଥିଲା ଶୋଇ
ହଠାତ୍ ତା ଅଟ୍ଟହାସ୍ୟ, ଅତି ଉଲ୍ଲସିତ,
ଦିନ ନାହିଁ, ରାତି ନାହିଁ, ଶୁଭେ ଅବିରତ !
ଶୁଣିବାକୁ ଚାହିଁ ସେହି ଧ୍ୱନି ଭୟଙ୍କର ?
ଶୁଣ ତେବେ ମନଦେଇ ଭାଷା ଅନ୍ତରଙ୍ଗ—
ବେତାର ଓ ଜନତାର, ତୁମର ଓ ମୋର !

•

କାହିଁ କେବେ ଋଷିବର ଜଠର ଅନଳେ
ଭସ୍ମ କରିଥିଲେ ଯେଉଁ ମାୟାବୀ ହିଲ୍ଲୋଳେ,
ଆଜି ଶୁଣି ବିଲ୍ଲୋଳର ଉତ୍କଣ୍ଠିତ ରବ
ଭାରତର ତନୁ ଚିରି ନିର୍ଗତ ସେ ଉତ୍‌ଫୁଲ୍ଲ ଦାନବ !

•

ଶୁଷ୍କ ଦୟାନଦୀ ପୁଣି ହେବ ସଞ୍ଜୀବିତ ?
କୂଳେ ତାର ଠାବ ହେବେ ଦିବ୍ୟ, ଧ୍ୟାନରତ
ଶାଶ୍ୱତ ଦଧୀଚି ?
ଆରମ୍ଭିବ ଆଗାମୀର ଚାରୁ କାର୍ଯ୍ୟସୂଚୀ ?

* ମାର୍ଫତ/ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ
ଶିକ୍ଷାକେନ୍ଦ୍ର,
ପଣ୍ଡିଚେରୀ—୬୦୫୦୦୨